## ସଂକ୍ଷେପରେ

### ୩ ପଜିଟିଭ୍ ଚିହ୍ନଟ

**ଅନୁଗୋଳ ଅଫିସ, ୨୩।୨:** ଅନୁଗୋଳ ଜିଲାରୁ ମଙ୍ଗଳବାର ୩ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ମୋଟ ପଜିଟିଭ ସଂଖ୍ୟା ୧୨ ହଜାର ୩୪୨ରେ ପହଞ୍ଚିଥିବା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସୂଚନା ଦେଇଛନ୍ତି। ନୂଆ ସଂକ୍ରମିତଙ୍କ ମଧ୍ୟରେ ତାଳଚେର ବ୍ଲକରୁ ୨ ଜଣ ଓ ଛେଣ୍ଡିପଦା ଅଞ୍ଚଳରୁ ଜଣେ ରହିଛନ୍ତି। ସେହିପରି ଦିନକରେ ଜିଲାରୁ ୨ ଜଣ କରୋନାରୁ ସୁସ୍ଥ ହୋଇଥିବା ପ୍ରଶାସନ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

### ମା’ ତାରିଣୀଙ୍କ ବାର୍ଷିକୋତ୍ସବ

**ତାଳଚେର,୨୩।୨(ନି.ପ୍ର.):** ତାଳଚେର ବ୍ଲକ ସାଉଥବଲଣ୍ଡା ଗୁରୁଦ୍ୱାର ମାର୍କେଟରେ ମା’ ତାରିଣୀଙ୍କ ୨୧ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ଶତାଧିକ ଶ୍ରଦ୍ଧାଳୁ ଶୋଭାଯାତ୍ରାରେ ଯାଇ ନିକଟସ୍ଥ ପୁଷ୍କରିଣୀରୁ କଳସରେ ଜଳ ଆଣି ମା’ଙ୍କ ପୀଠସ୍ଥଳରେ ସ୍ଥାପନ କରିଥିଲେ। ଏହାପରେ ଯଜ୍ଞ ଆୟୋଜନ କରାଯାଇଥିଲା। ଏଥିରେ ଦେବରାଜ ପଣ୍ଡା ଓ କନକଲତା ପଣ୍ଡା କର୍ତ୍ତା ଭାବେ ଯୋଗ ଦେଇଥିଲେ। ପୂଜକ ରତ୍ନାକର ମିଶ୍ର, ପ୍ରଫୁଲ୍ଲ କୁମାର ମିଶ୍ର, ନିରାକାର ମିଶ୍ର ପ୍ରମୁଖ ଯୋଗଦେଇ ଯଜ୍ଞକାର୍ଯ୍ୟ ସମ୍ପାଦନ କରିଥିଲେ। ଗୁରୁଦ୍ୱାର ଗ୍ରାମବାସୀଙ୍କ ସହ ଆଖପାଖ ଅଞ୍ଚଳର ବହୁ ଶ୍ରଦ୍ଧାଳୁ ଯୋଗଦେଇ ମା’ଙ୍କ ଦର୍ଶନ କରି ଆଶୀର୍ବାଦ ଭିକ୍ଷା କରିଥିଲେ। ମନ୍ଦିର ପରିଚାଳନା କମିଟିର ସମସ୍ତ ସଦସ୍ୟ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ।

### ଓକିଲ ସଂଘ ନିର୍ବାଚନ ପ୍ରସ୍ତୁତି

**ଆଠମଲ୍ଲିକ,୨୩।୨(ଡି.ଏନ.ଏ.):** ଓଡ଼ିଶା ରାଜ୍ୟ ଆଇନଜୀବୀ ପରିଷଦ (ରାଜ୍ୟ ବାର୍ କାଉନସିଲ)ର ନିର୍ଦ୍ଦେଶ ଅନୁସାରେ ଆଠମଲ୍ଲିକ ବାର୍‌ହଲଠାରେ ନିର୍ବାଚନ ସମ୍ବନ୍ଧୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଭାପତି ପ୍ରାଣବନ୍ଧୁ ମେଣ୍ଡୁଲିଙ୍କ ସଭାପତିତ୍ୱରେ ଏହି ବୈଠକରେ ଆଠମଲ୍ଲିକ ଆଇନଜୀବୀ ସଂଘର ସମସ୍ତ ସଭ୍ୟ ଉପସ୍ଥିତ ଥିଲେ। ସର୍ବସମ୍ମତି କ୍ରମେ ବରିଷ୍ଠ ଆଇନଜୀବୀ ବାମନ କୁମାର ମିଶ୍ରଙ୍କୁ ନିର୍ବାଚନ ଅଧିକାରୀ, ଗଣେଶ ଚନ୍ଦ୍ର କର୍ମୀ ଓ ଅର୍ଜୁନ କୁମାର ରାଉଳଙ୍କୁ ସହ ନିର୍ବାଚନ ଅଧିକାରୀ ଭାବେ ମନୋନୀତ କରାଯାଇଥିଲା। ସମ୍ପାଦକ ପ୍ରମୋଦ କୁମାର ପ୍ରଧାନ ଧନ୍ୟବାଦ ପ୍ରଦାନ କରିଥିଲେ। ସୂଚନଯୋଗ୍ୟ, ଆସନ୍ତା ୨୭ ତାରିଖରେ ରାଜ୍ୟରେ ଥିବା ବିଭିନ୍ନ ଓକିଲ ସଂଘର କର୍ମକର୍ତ୍ତା ନିର୍ବାଚନ ହେବ ବୋଲି ରାଜ୍ୟ ବାର କାଉନସିଲ ବିଜ୍ଞପ୍ତି ଜାରି କରିଛନ୍ତି।

### ମହାଯଜ୍ଞ ପାଇଁ କଳସ ଯାତ୍ରା

**କଣିହାଁ,୨୩।୨(ଡି.ଏନ.ଏ.):** କଣିହାଁ ବ୍ଲକ ସମଲ ବ୍ୟାରେଜସ୍ଥିତ ଚକ୍ରଶିଳା ପାହାଡ ଉପରେ ଥିବା ଭୋଲେଶ୍ୱର ମହାଦେବଙ୍କ ମନ୍ଦିରରେ ମଙ୍ଗଳବାର ୩୭ ତମ ବିଶ୍ୱଶାନ୍ତି ମହାଯଜ୍ଞ ଆରମ୍ଭ ହୋଇଛି। ପାଞ୍ଚଦିନ ଧରି ଏହି ଯଜ୍ଞ କାର୍ଯ୍ୟ ଚାଲିବାକୁ ଥିବାବେଳେ ଶନିବାର ପୂର୍ଣ୍ଣାହୂତି ହେବ। ମଙ୍ଗଳବାର ପୂର୍ବାହ୍ନରେ ଏଥିନିମନ୍ତେ କଳଶ ଯାତ୍ରା ହୋଇଥିଲା। ନିକଟସ୍ଥ ବ୍ରାହ୍ମଣୀ ନଦୀରୁ ଶ୍ରଦ୍ଧାଳୁମାନେ କଳସରେ ଜଳ ଆଣି ମଣ୍ଡପରେ ସ୍ଥାପନ କରିଥିଲେ। କୋଭିଡ କଟକଣାକୁ ନେଇ କଳସ ଯାତ୍ରାରେ ଶ୍ରଦ୍ଧାଳୁଙ୍କ ସଂଖ୍ୟା ସୀମିତ ରହିଥିଲା। ମନ୍ଦିର ପରିଚାଳନା କମିଟି ଓ ସ୍ଥାନୀୟ ଅଞ୍ଚଳବାସୀ ସହଯୋଗ କରୁଛନ୍ତି।

### ବୟୋଜ୍ୟେଷ୍ଠଙ୍କ କଲ୍ୟାଣ ପାଇଁ ହୋମଯଜ୍ଞ

**କଣିହାଁ,୨୩।୨(ଡି.ଏନ.ଏ.):** କଣିହାଁ ବ୍ଲକ ହନୁମାନପୁର ପଞ୍ଚାୟତ ଝରାବେରେଣୀ ଗ୍ରାମର ବୟୋଜ୍ୟେଷ୍ଠ ବ୍ୟକ୍ତିମାନଙ୍କ କଲ୍ୟାଣ କାମନା କରି ସାମାଜିକ ସଙ୍ଗଠନ ଶାନ୍ତ୍ୱନା ପକ୍ଷରୁ ହୋମଯଜ୍ଞ ସହ ନାମ ସଂକୀର୍ତ୍ତନ କରାଯାଇଛି। ଏଥିସହ ମାନସିକ ସ୍ୱାସ୍ଥ୍ୟରକ୍ଷା ପାଇଁ ଯୋଗଶିକ୍ଷା, ନୈତିକ ଜୀବନ ଚର୍ଚ୍ଚା ଉପରେ ପରାମର୍ଶମାନ ଦିଆଯାଉଛି। ଅନୁଷ୍ଠାନ ମୁଖ୍ୟ ଏ.କେ. ସାମଲଙ୍କ ସହ ଅନ୍ୟ କାର୍ଯ୍ୟକର୍ତ୍ତା ଓ ଗ୍ରାମବାସୀ ଏଥିରେ ସହଯୋଗ କରୁଛନ୍ତି।

### ଗ୍ରାମଦେବୀଙ୍କ ପୀଠ ପ୍ରତିଷ୍ଠା

**କଣିହାଁ,୨୩।୨(ଡି.ଏନ.ଏ.):** କଣିହାଁ ବ୍ଲକ ଭୂଇଁପୁର ଗ୍ରାମରେ ସୋମବାର ଗ୍ରାମଦେବୀ ମା’ ଗ୍ରାମେଶ୍ୱରୀ, ପିତାବଳୀ ଓ ମୁଗୁରମୁହିଁଙ୍କ ନବନିର୍ମିତ ପୀଠରେ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଛି। ରୀତିନୀତି ଅନୁସାରେ ପୂଜାକାର୍ଯ୍ୟ ହୋଇଥିଲା। ସ୍ଥାନୀୟ ଅଞ୍ଚଳର ବହୁ ନାମସଂକୀର୍ତ୍ତନ ମଣ୍ଡଳୀ ଯୋଗଦେଇ ସଂକୀର୍ତ୍ତନ ପରିବେଷଣ କରିଥିଲେ। ଗ୍ରାମବାସୀ ସହଯୋଗ କରିଥିଲେ। ଶେଷରେ ପ୍ରସାଦସେବନ ବ୍ୟବସ୍ଥା କରାଯାଇଥିଲା।

# ହାତୀ ସୁରକ୍ଷା ପ୍ରତି ହତାଦର

**ପରିକ୍ଷିତ ସାହୁ**
**ବଇଣ୍ଡା, ୨୩।୨**


ହାତୀ ଚଳାପଥରେ ଓହଳି ରହିଥିବା ତାରକୁ ଗ୍ରାମବାସୀ ବାଉଁଶରେ ଟେକି ରଖିଛନ୍ତି।

- ଚଲାପଥରେ ଓହଳି ରହିଛି ଏଲ୍‌ଟି ଲାଇନ ତାର
- ଅଭିଯୋଗ ସତ୍ତ୍ୱେ ଗୁରୁତ୍ୱ ଦେଉନି ବିଦ୍ୟୁତ୍ ବିଭାଗ
- ବିପଦ ଏଡ଼ାଇବାକୁ ବାଉଁଶରେ ଟେକି ରଖିଛନ୍ତି ଗ୍ରାମବାସୀ

୨୦୧୮ ଅକ୍ଟୋବର ୨୭ରେ ଢେଙ୍କାନାଳ ଜିଲା କମଳାଙ୍ଗଠାରେ ଓହଳି ରହିଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ୭ ହାତୀଙ୍କ ଜୀବନହାନି ପରେ ହାତୀଙ୍କ ସୁରକ୍ଷାକୁ ନେଇ ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିଲା। କାର୍ଯ୍ୟାନୁଷ୍ଠାନ ସ୍ୱରୂପ ବିଦ୍ୟୁତ୍ ଓ ବନ ବିଭାଗର ୭ଜଣଙ୍କୁ ନିଲମ୍ବନ ଏବଂ ଜଣେ କନିଷ୍ଠ ଯନ୍ତ୍ରୀଙ୍କୁ ବହିଷ୍କାର କରାଯାଇଥିଲା। ଜଙ୍ଗଲ ଓ ହାତୀ ଚଳାପଥ ଦେଇ ଯାଇଥିବା ବିଦ୍ୟୁତ୍ ତାର ନିର୍ଦ୍ଧାରିତ ଉଚ୍ଚତାରେ ରଖିବାକୁ ରାଜ୍ୟ ସରକାରଙ୍କ ପକ୍ଷରୁ କଡ଼ା ନିର୍ଦ୍ଦେଶ ଦିଆଯାଇଥିଲା। କିନ୍ତୁ ଉକ୍ତ ନିର୍ଦ୍ଦେଶନାମାକୁ ଅନୁଗୋଳ ଜିଲା ଆଠମଲ୍ଲିକ ବନଖଣ୍ଡ ହଣ୍ଡପା ରେଞ୍ଜରେ ପାଳନ କରାଯାଇ ନ ଥିବା ଦେଖିବାକୁ ମିଳିଛି। ରେଞ୍ଜ ଅଞ୍ଚଳର କୁରୁମଟାପ ଭାୟା ଗୁଣ୍ଡୁରୀଖଳି ଦେଇ ସିମିଳିଆ ଯାଇଥିବା ହାତୀ ଚଳାପଥରେ ବର୍ଷେ ହେଲା ବିଦ୍ୟୁତ୍ ତାର ଓହଳି ରହିଥିଲେ ମଧ୍ୟ ତାହାକୁ ଉପରକୁ ଉଠାଯାଉ ନାହିଁ। ହାତୀଙ୍କ ସୁରକ୍ଷା ପ୍ରତି ଦୁଇ ବିଭାଗର ଏପରି ହତାଦରକୁ ନେଇ ଗୁଣ୍ଡୁରୀଖଳି ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ସୃଷ୍ଟି ହୋଇଛି। ବିପଦ ଏଡ଼ାଇବାକୁ ଗ୍ରାମବାସୀ ବାଉଁଶରେ ଉକ୍ତ ତାରକୁ ଟେକି ରଖିଥିବା ଦେଖାଯାଇଛି।

ଆଠମଲ୍ଲିକ ବ୍ଲକ କୁରୁମଟାପ ପଞ୍ଚାୟତ ଗୁଣ୍ଡୁରୀଖଳି ଗ୍ରାମ ଦେଇ ଯାଇଥିବା ହାତୀ ଚଳାପଥରେ ଦୈନିକ ହାତୀପଲ ଚଳପ୍ରଚଳ କରୁଛନ୍ତି। ଏହି ଚଳାପଥ ଉପର ଦେଇ ଏକ ଜଳସେଚନ ପ୍ରକଳ୍ପକୁ ୩ କେଭି ଏଲ୍‌ଟି ଲାଇନ ତାର ଟଣାଯାଇଥିଲେ ମଧ୍ୟ ତାହା ଅତି ତଳକୁ ଓହଳି ରହିଛି। ଏ ନେଇ ଦୀର୍ଘଦିନ ହେଲା ଗ୍ରାମବାସୀ ବଇଣ୍ଡାଠାରେ ଥିବା ଟାଟା ପାୱାର ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍ (ଟିପିସିଓଡିଏଲ୍) କାର୍ଯ୍ୟାଳୟରେ ଅଭିଯୋଗ କରିଥିଲେ ମଧ୍ୟ ପଦକ୍ଷେପ ନିଆଯାଉ ନାହିଁ। ଫଳରେ ହାତୀକୁ ସୁରକ୍ଷା ଯୋଗାଇ ଦେବାକୁ ଗ୍ରାମବାସୀ ବାଉଁଶ ଦେଇ ବିପଦସଙ୍କୁଳ ଅବସ୍ଥାରେ ଥିବା ତାରକୁ ଉପରକୁ ଟେକି ରଖିଛନ୍ତି। ଟିକେ ଅଧିକ ପବନ ହେଲେ ତାରରେ ତାର ବାଜି ନିଆଁ ଖସୁଥିବାରୁ ବିପଦ ଆଶଙ୍କା ବଢ଼ିଯାଇଛି। ସେହିପରି ରାଇନାଳୀ, କନ୍ତପଡ଼ା, ମଇମୁରା, ଟାପଢୋଲ ଅଞ୍ଚଳରେ ମଧ୍ୟ ୧୧ କେଭି ତାର ଅତି ତଳକୁ ଓହଳି ରହିଛି। ସେସୁଠାରୁ ୨୦୧୨ରେ ଏନ୍‌ଜେନ୍ ବିଦ୍ୟୁତ୍ ସେବା ଦାୟିତ୍ୱ ନେଇଥିଲା। ୨୦୨୦ରେ ଟାଟା ବିଦ୍ୟୁତ୍ କମ୍ପାନୀ ହାତକୁ ଏହି ସେବା ଯାଇଥିଲେ ମଧ୍ୟ ଏଯାଏ ବିପଦସଙ୍କୁଳ ଅବସ୍ଥାରେ ଥିବା ବିଦ୍ୟୁତ୍ ଖୁଣ୍ଟ ବଦଳାଯାଉ ନାହିଁ କି ଓହଳି ରହିଥିବା ତାରକୁ ସୁରକ୍ଷିତ ଅବସ୍ଥାକୁ ଅଣାଯାଉ ନାହିଁ। ତୁରନ୍ତ ହାତୀ ଚଳାପଥ ସୁରକ୍ଷିତ କରିବାକୁ ଗ୍ରାମବାସୀଙ୍କ ପକ୍ଷରୁ ଦାବି କରାଯାଇଛି। ଏ ନେଇ ଆଠମଲ୍ଲିକ ଡିଏଫ୍‌ଓ ଆନନ୍ଦ ଏସ୍ କହିଛନ୍ତି, ହାତୀ ଚଲାପଥ ଦେଇ ଯାଇଥିବା ସମସ୍ତ ଏଲ୍‌ଟି ଓ ୧୧ କେଭି ବିଦ୍ୟୁତ୍ ତାର ଉଚ୍ଚ ଖୁଣ୍ଟ ଲଗାଇ ନେବା ପାଇଁ ଟିପିସିଓଡିଏଲ୍‌କୁ ଚିଠି ମାଧ୍ୟମରେ ଅବଗତ କରାଯିବ। ସେହିପରି ଟିପିସିଓଡିଏଲ୍‌ର ଏସ୍‌ଡିଓ ସୀପକ ଦାସ କହିଛନ୍ତି, ହାତୀ ଚଲାପଥ ସୁରକ୍ଷିତ କରିବାକୁ ଖୁବ୍‌ଶୀଘ୍ର ଓହଳି ରହିଥିବା ତାରଗୁଡ଼ିକୁ ନିର୍ଦ୍ଧାରିତ ଉଚ୍ଚତାରେ ରଖାଯିବ।

### ବିଦ୍ୟୁତ୍ କମ୍ପାନୀ ଦୃଷ୍ଟି ଦେଉନାହିଁ


ଦୀର୍ଘଦିନ ହେବ ହାତୀ ଚଲାପଥ ଅସୁରକ୍ଷିତ ଅବସ୍ଥାରେ ରହିଛି। ତାରରୁ ନିଆଁ ଖସୁଛି। ଏ ନେଇ ଗ୍ରାମବାସୀଙ୍କ ପକ୍ଷରୁ ବିଭାଗୀୟ ଅଧିକାରୀଙ୍କ ନିକଟରେ ଅଭିଯୋଗ କରାଯାଇଥିଲେ ମଧ୍ୟ ଦୃଷ୍ଟି ଦିଆଯାଉ ନାହିଁ। ଫଳରେ ବିପଦ ଆଶଙ୍କା ବଢ଼ିଯାଇଛି।

– ଟିକନ ସାହୁ, ଗୁଣ୍ଡୁରୀନାଳି

### ଅସୁରକ୍ଷିତ ଅବସ୍ଥାରେ ବିଦ୍ୟୁତ୍ ତାର


ଉଠା ଜଳସେଚନ ପ୍ରକଳ୍ପକୁ ଟଣାଯାଇଥିବା ଏହି ତାର ଅସୁରକ୍ଷିତ ଅବସ୍ଥାରେ ରହିଛି। ଏହା ହାତୀଙ୍କ ଜୀବନ ପ୍ରତି ଯେତିକି ବିପଦ ସୃଷ୍ଟି କରୁଛି ଚାଷୀଙ୍କୁ ମଧ ସେତିକି ସମସ୍ୟାରେ ପକାଉଛି। ଅନେକ ସମୟରେ ତାରକୁ ତାର ବାଜି ଟ୍ରାନ୍ସଫର୍ମରରୁ ଫ୍ୟୁଜ୍ କଟିଯାଉଥିବାରୁ ଜମିକୁ ପାଣି ମାଡ଼ିପାରୁ ନାହିଁ।

– ଅରୁଣ କୁମାର ସାହୁ, ଗୁଣ୍ଡୁରୀନାଳି

### ସୁରକ୍ଷା ପ୍ରତି ଗୁରୁତ୍ୱ ଦିଆଯାଉନି


ଏହି ଚଲାପଥ ଦେଇ ପ୍ରତ୍ୟେକ ଦିନ ହାତୀପଲ ଯାତାୟାତ କରୁଛନ୍ତି। ତେଣୁ ବିଦ୍ୟୁତ୍ ତାର ଉପରକୁ ଉଠାଇବା ପାଇଁ ଗ୍ରାମବାସୀ ଅଭିଯୋଗ କରିଥିଲେ ମଧ ତାହାକୁ ଗୁରୁତ୍ୱ ଦିଆଯାଉ ନାହିଁ। ତୁରନ୍ତ ବିପଦସଙ୍କୁଳ ତାରକୁ ଉପରକୁ ଉଠାଯିବା ବ୍ୟବସ୍ଥା କରାଯାଉ।

– ଧନେଶ୍ୱର ସାହୁ, ଗୁଣ୍ଡୁରୀନାଳି

### ଶୀଘ୍ର ପଦକ୍ଷେପ ନିଆଯାଉ


ନିର୍ଦ୍ଧାରିତ ଉଚ୍ଚତାରେ ବିଦ୍ୟୁତ୍ ତାର ନ ଥିବାରୁ ଏହା ହାତୀଙ୍କ ପାଇଁ ଯେତିକି ବିପଦ ସୃଷ୍ଟି କରୁଛି ଚାଷରେ ମଧ ସେତିକି ଅସୁବିଧା କରୁଛି। ତେଣୁ ଏ ଦିଗରେ ଶୀଘ୍ର ପଦକ୍ଷେପ ନିଆଗଲେ ହାତୀ ଚଲାପଥ ସୁରକ୍ଷିତ ହେବା ସହ ବିଦ୍ୟୁତ୍ ସମସ୍ୟା ଉପୁଜନ୍ତା ନାହିଁ।

– ପ୍ରବୀଣ କୁମାର ସାହୁ, ଚାଷୀ

### ଚିଠିର ଉତ୍ତର ମିଳିନି


ଓହଳି ରହିଥିବା ବିଦ୍ୟୁତ୍ ତାର ଉପରକୁ ଉଠାଇବା ପାଇଁ ପଞ୍ଚାୟତ ଅଫିସ ପକ୍ଷରୁ ବିଦ୍ୟୁତ୍ ବିଭାଗକୁ ଚିଠି କରାଯାଇଥିଲା। କିନ୍ତୁ ଏ ଦିଗରେ ପଦକ୍ଷେପ ନିଆଯାଇ ନାହିଁ କି ଚିଠିର ଉତ୍ତର ମଧ ପଞ୍ଚାୟତ ଅଫିସକୁ ମିଳିନାହିଁ। ଉପଖଣ୍ଡ ପ୍ରଶାସନ ତୁରନ୍ତ ପଦକ୍ଷେପ ନେଉ।

– ସୁମନ୍ତ ବେହେରା, ସରପଞ୍ଚ, କୁରୁମଟାପ

# ଥଣ୍ଡା ପାନୀୟଜଳ ପ୍ରକଳ୍ପ ଅଚଳ

**ଆଠମଲ୍ଲିକ,୨୩।୨(ଡି.ଏନ.ଏ.)**

ଆଠମଲ୍ଲିକ ଉପଜିଲାପାଳଙ୍କ ଅଫିସ ପରିସରରେ ଥିବା ଥଣ୍ଡା ପାନୀୟ ଜଳପ୍ରକଳ୍ପ ଅଚଳ ହୋଇପଡ଼ିଥିବାରୁ ବିଭିନ୍ନ ଅଭିଯୋଗ ନେଇ ଏଠାକୁ ଆସୁଥିବା ଲୋକେ ପିଇବାକୁ ପାଣି ନ ପାଇ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେହିପରି ନିକଟ ଗଣେଶ ବଜାରର ଦୋକାନୀମାନଙ୍କ ପାଇଁ ଏହି ପ୍ରକଳ୍ପରୁ ଦୁଇଟି ଟ୍ୟାପ ଦିଆଯାଇଥିବାରୁ ସେମାନେ ମଧ୍ୟ ସମସ୍ୟାରେ ପଡ଼ିଛନ୍ତି। ୨୦୦୯ରେ ନାଲ୍‌କୋ ପାରିପାର୍ଶ୍ୱିକ (ପେରିଫେରି) ଗ୍ରାଣ୍ଟରୁ ୩ ଲକ୍ଷ ଟଙ୍କା ବ୍ୟୟରେ ଏହା ନିର୍ମାଣ କରାଯାଇଥିଲା। ଆଠମଲ୍ଲିକ ଏନ୍‌ଏସି ଅଧୀନରେ ଥିବା ଏହି ପ୍ରକଳ୍ପ ବାରମ୍ବାର ଅଚଳ ହୋଇପଡୁଥିବା ବେଳେ ଆବଶ୍ୟକ ମରାମତି ୩ ମାସ ତଳେ କରାଯାଇଥିଲା। କିନ୍ତୁ ଉକ୍ତ ମରାମତି କାର୍ଯ୍ୟକୁ ଏକ ସପ୍ତାହ ପୂରିବା ପରେ ମେଶିନ ପୁନଃ ଅଚଳ ହୋଇଯାଇଛି। ଖରା ଟାଣ ହେବା ଆରମ୍ଭ କରିଥିବା ବେଳେ ପିଇବାକୁ ପାଣି ନ ପାଇ ଉପଜିଲାପାଳଙ୍କ କାର୍ଯ୍ୟାଳୟ ଓ ଅନ୍ୟ ସରକାରୀ ଅଫିସକୁ ଆସୁଥିବା ଅଭିଯୋଗକାରୀମାନଙ୍କ ସହ ବଜାରର ବ୍ୟବସାୟୀମାନେ ହନ୍ତସନ୍ତ ହେଉଛନ୍ତି। ତୁରନ୍ତ ମରାମତି ବ୍ୟବସ୍ଥା କରିବାକୁ ସାଧାରଣରେ ଦାବି ହେଉଛି । ଏ ସମ୍ପର୍କରେ ଆଠମଲ୍ଲିକ ଉପଜିଲାପାଳ ତଥା ଏନଏସି ପ୍ରଶାସକ ଲଳିତମୋହନ ବେହେରା କହିଛନ୍ତି, ଯଥାଶୀଘ୍ର ସମସ୍ୟାର ସମାଧାନ କରାଯାଇ ଲୋକଙ୍କୁ ପାଣି ଯୋଗାଇ ଦିଆଯିବ। ଏନ୍‌ଏସି ନିର୍ବାହୀ ଅଧିକାରୀ କାଦମ୍ବିନୀ ଜେନା କହିଛନ୍ତି, ନୂଆ ମେଶିନ ଲଗାଯାଇ ପ୍ରକଳ୍ପ ପୁନର୍ବାର ଚାଲୁ କରାଯିବ।

# ‘କସ୍ତୁରବା ଗାନ୍ଧୀ ନୀତିର ମୂଳସୂତ୍ର’


କସ୍ତୁରବାଙ୍କ ପୁଣ୍ୟତିଥି ପାଳନ ଅବସରରେ ଉପସ୍ଥିତ ଅତିଥିମାନେ।

**ଅନୁଗୋଳ ଅଫିସ, ୨୩।୨**

ଅନୁଗୋଳସ୍ଥିତ କାଙ୍ଗୁଲାର ଉଜ୍ଜ୍ୱଳା ଅନୁଷ୍ଠାନ ପକ୍ଷରୁ କସ୍ତୁରବା ଗାନ୍ଧୀଙ୍କ ପୁଣ୍ୟତିଥି ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ଅଧ୍ୟାପିକା ଇନ୍ଦିରା ଦାସ, ସାମାଜିକ କର୍ମୀ ବିଦ୍ୟାଧର ନାୟକ, ଅନୁଷ୍ଠାନ ପରିଚାଳିକା ସଙ୍ଗୀତା ମହାନ୍ତି, ରାଷ୍ଟ୍ରୀୟ ଯୁବା ସଙ୍ଗଠନ ରାଜ୍ୟ ସଂଯୋଜକ ସୂର୍ଯ୍ୟନାରାୟଣ ନାଥ, କଲ୍ୟାଣ କିଶୋର ମହାନ୍ତି, ଆଦ୍ୟଶ୍ଳୋକ ମିଶ୍ର, ସୁକାନ୍ତି ସ୍ୱାଇଁ ଓ ଲିଶା ନାୟକ ପ୍ରମୁଖ ଯୋଗଦେଇ କସ୍ତୁରବାଙ୍କୁ ଗାନ୍ଧିଜୀଙ୍କ ଅହିଂସାର ମୂଳସୂତ୍ର ବୋଲି କହିଥିଲେ। ଅତିଥିମାନେ ଆହୁରି କହିଥିଲେ, ମୋହନ ଦାସରୁ ମହାତ୍ମା ହେବା ପାଇଁ ଜୀବନକୁ ନିଜ ସିଦ୍ଧାନ୍ତର ପ୍ରୟୋଗଶାଳା ସହିତ ବ୍ରହ୍ମଚର୍ଯ୍ୟ ଓ ସତ୍ୟ ସାଧନାର ଯେଉଁ କଷ୍ଟକର ଜୀବନଚର୍ଯ୍ୟା ଦେଇ ମହାତ୍ମା ଗତି କରୁଥିଲେ, ସେଥିରେ କସ୍ତୁରବାଙ୍କ ପ୍ରତ୍ୟକ୍ଷ ଭୂମିକା ଥିଲା। ଗାନ୍ଧୀଙ୍କ କଠିନ ଆଶ୍ରମ ନିୟମାବଳୀ ମଧ୍ୟରେ ନିଜ ସନ୍ତାନ ସନ୍ତତିଙ୍କ ପ୍ରତି ମାତୃବତ୍ସଳ ସ୍ନେହକୁ ଅବଦମିତ କରି ଏକ ସ୍ତ୍ରୀର ଇଚ୍ଛା ଏବଂ ଅଧିକାରକୁ ତ୍ୟାଗ କରି ନୀରବ ସାଧିକାର ଜୀବନ ଯାପନ କରିବା କିଛି ସହଜ ନ ଥିଲା। ଜୀବନର ବିଭିନ୍ନ କଷ୍ଟକୁ ସହ୍ୟ କରି ନିଜ ନାରୀତ୍ୱର ସ୍ୱତନ୍ତ୍ର ରକ୍ଷା କରି ମୌନ ପ୍ରତିବାଦ କରିଥିବା କସ୍ତୁରବା ହିଁ ଗାନ୍ଧୀଙ୍କ ଅହିଂସା ମନ୍ତ୍ରର ମୂଳ ସୂତ୍ର ଥିଲେ। ଗାନ୍ଧିଜୀ ନିଜ ଆତ୍ମଜୀବନୀରେ କସ୍ତୁରବା ତାଙ୍କ ଅହିଂସାର ଶିକ୍ଷାଦାତ୍ରୀ ବୋଲି ମଧ ସ୍ୱୀକାର କରିଥିବା ଅତିଥିମାନେ ପ୍ରକାଶ କରିଥିଲେ।

# ସାମାଜିକ ସୁରକ୍ଷା ବିଭାଗ ବୈଠକ

**ଆଠମଲ୍ଲିକ,୨୩।୨(ଡି.ଏନ.ଏ.)**

ଆଠମଲ୍ଲିକ ଉପଜିଲାପାଳ ଲଳିତମୋହନ ବେହେରାଙ୍କ ଅଧ୍ୟକ୍ଷତାରେ ଉପଖଣ୍ଡସ୍ତରୀୟ ସାମାଜିକ ସୁରକ୍ଷା ବିଭାଗ ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ମଧୁବାବୁ ପେନସନ ଯୋଜନା ଓ ସାମାଜିକ ସହାୟତା ଯୋଜନାରେ ଅନ୍ତର୍ଭୁକ୍ତ ମହିଳା, ପୁରୁଷ, ହିତାଧିକାରୀଙ୍କ ନାମରେ ଆଧାର ନମ୍ବର, ମୋବାଇଲ ନମ୍ବର ସଂଯୋଗ କରିବା, ମୃତ ବ୍ୟକ୍ତିଙ୍କ ସ୍ଥାନରେ ନୂତନ ଆବେଦନକାରୀଙ୍କୁ ଭତ୍ତା ପାଇଁ ବ୍ୟବସ୍ଥା କରିବା, ଭିନ୍ନକ୍ଷମମାନେ ଅନଲାଇନ୍‌ରେ ଭତ୍ତା ଓ ସାର୍ଟିଫିକେଟ ଆବେଦନ କରିବା ସମ୍ପର୍କରେ ଆଲୋଚନା ହୋଇଥିଲା। ସରକାରଙ୍କ ସମସ୍ତ ବ୍ୟବସ୍ଥାକୁ ଡିଜିଟାଇଜେଶନ କରିବାକୁ ଉପଜିଲାପାଳ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏହି ବୈଠକରେ ଆଠମଲ୍ଲିକ ଏନ୍‌ଏସି ଅଧିକାରୀ, ଆଠମଲ୍ଲିକ ଓ କିଶୋରନଗର ବ୍ଲକ ସାମାଜିକ ସୁରକ୍ଷା ବିଭାଗ ଅଧିକାରୀ ଯୋଗ ଦେଇଥିଲେ।

# ମହାଶିବରାତ୍ରି ପାଇଁ ସହଯୋଗ କାମନା


ବୈଠକରେ ଉପଜିଲାପାଳଙ୍କ ସମେତ ଅନ୍ୟମାନେ।

**ଆଠମଲ୍ଲିକ,୨୩।୨ (ଡି.ଏନ.ଏ.)**

ଆଠମଲ୍ଲିକ ଉପଜିଲାପାଳଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ସୋମବାର ମହାଶିବରାତ୍ରି ଉପଲକ୍ଷେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଉପଜିଲାପାଳ ଲଳିତ ମୋହନ ବେହେରା ଏଥିରେ ଅଧ୍ୟକ୍ଷତା କରିଥିଲେ। ପ୍ରାରମ୍ଭରେ ଉପଜିଲାପାଳ ତଥା ଦେବୋତ୍ତର ଅଧିକାରୀ ଶିବରାତ୍ରି ଉତ୍ସବକୁ କୋଭିଡ୍ କଟକଣା ମାନି ପାଳନ କରିବା ପାଇଁ ଉପଖଣ୍ଡବାସୀଙ୍କ ସହଯୋଗ କାମନା କରିଥିଲେ। ଦେଉଳଝରୀ ଶୈବ ପୀଠ ତଥା ରାମେଶ୍ୱର ମନ୍ଦିର ଶିବରାତ୍ରି ପାଳନ ପାଇଁ ଆଲୋଚନା କରାଯାଇଥିଲା। ବିଶେଷକରି ଦେଉଳଝରୀ ମନ୍ଦିରର ଉନ୍ନତୀକରଣ ନିମନ୍ତେ ବିଭାଗୀୟ ଅଧିକାରୀଙ୍କୁ ଚିଠି କରାଯିବା ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ରାତି ୧୧ଟାରୁ ୧୨ ଟା ୨୪ ମଧ୍ୟରେ ମନ୍ଦିରରେ ମହାଦୀପ ଉଠାଯିବ ବୋଲି ପୂଜକ ପ୍ରକାଶ କରିଥିଲେ। ସକାଳ ୬ ରୁ ସନ୍ଧ୍ୟା ୬ ଘଟିକା ପର୍ଯ୍ୟନ୍ତ କୋଭିଡ୍ କଟକଣା ମାସ୍କ ପରିଧାନ, ସାମାଜିକ ଦୂରତ୍ୱ ମଧ୍ୟରେ ଦର୍ଶନ ବ୍ୟବସ୍ଥା ପାଇଁ ସ୍ଥିର କରାଯାଇଥିଲା। ତହସିଲଦାର ଡା. ସରୁପାନନ୍ଦ ସାହୁ, ବିଡିଓ ସଞ୍ଜୟ କୁମାର ଆଚାର୍ଯ୍ୟ, ଥାନା ଅଧିକାରୀ ପ୍ରିୟବ୍ରତ ଦାସ, ଦେବୋତ୍ତର ସଦସ୍ୟ ଅଞ୍ଜନ ପ୍ରଧାନ ଏବଂ କମିଟିର ଅନ୍ୟ ସଦସ୍ୟ, ଅଧିକାରୀ, ସେବାୟତ ପ୍ରମୁଖ ଯୋଗ ଦେଇଥିଲେ। ସହକାରୀ ଜିଲାପାଳ ଲମ୍ବର ମାରାଣ୍ଡି ଧନ୍ୟବାଦ ଦେଇଥିଲେ।

# ଦଶମ ଶ୍ରେଣୀ ପିଲାଙ୍କ ପାଇଁ ସ୍ୱତନ୍ତ୍ର ପଦକ୍ଷେପ

**ତାଳଚେର/ କଣିହାଁ,୨୩।୨(ନି.ପ୍ର.)**

କଣିହାଁସ୍ଥିତ ଏନ୍‌ଟିପିସି ପ୍ରକଳ୍ପ ପକ୍ଷରୁ ସାମାଜିକ ଦାୟିତ୍ୱବୋଧ କାର୍ଯ୍ୟକ୍ରମ ଜରିଆରେ ୩ଟି ବିଦ୍ୟାଳୟର ୧୦ମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ପାଇଁ ଏକ୍ସଟ୍ରା କ୍ଲାସ ଫର ଅଲ୍‌ପାସ (ଇଏସ୍‌ଏପି) ନାମକ ଏକ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। କୋଭିଡ୍ ୧୯ ମହାମାରୀ ହେତୁ ପଢାରେ ହୋଇଥିବା କ୍ଷତି ଭରଣା ପାଇଁ ଏନ୍‌ଟିପିସି କର୍ତ୍ତୃପକ୍ଷ ଶିକ୍ଷକ, ଅଭିଭାବକମାନଙ୍କ ସହ ଆଲୋଚନା କରି ଗଣ୍ଡବେରଣା ଆଞ୍ଚଳିକ ଉଚ୍ଚବିଦ୍ୟାଳୟ, ବିଜିଗୋଳ ପଞ୍ଚାୟତ ହାଇସ୍କୁଲ ଓ କଣିହାଁ ପବିତ୍ରମୋହନ ଉଚ୍ଚବିଦ୍ୟାଳୟରେ ଏହି କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି। ଛାତ୍ରୀଛାତ୍ରମାନଙ୍କୁ ଆବଶ୍ୟକ ପରୀକ୍ଷା କାଗଜ, ପୁସ୍ତକ, ନୋଟ୍‌ବୁକ ପ୍ରଦାନ କରାଯାଇଛି। ଏହି ଯୋଜନା ସମ୍ପର୍କରେ ଆଲୋଚନା କରିବା ପାଇଁ ଫେବୃୟାରୀ ୫ରେ ସମ୍ପୃକ୍ତ ସ୍କୁଲର ଶିକ୍ଷକ ଓ ଏନ୍‌ଟିପିସିର ସିଏସ୍‌ଆର୍ ଅଧିକାରୀଙ୍କ ବୈଠକ ଏବଂ ଫେବୃୟାରୀ ୧୩ରେ ଅଭିଭାବକମାନଙ୍କ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ପଦକ୍ଷେପକୁ ସ୍ମରଣୀୟ ରଖିବା ପାଇଁ ପ୍ରକଳ୍ପ ଏଜିଏମ୍ ରଫିକ ଇସଲାମ, ଖଗେଶ୍ୱର ବେହେରା ଓ ବ୍ଲକ ଶିକ୍ଷାଅଧିକାରୀ ମିଳିତ ଭାବେ ଏକ ଚାରା ରୋପଣ କାର୍ଯ୍ୟକ୍ରମ କରିଥିଲେ। ଏହି କ୍ଲାସ ମେ ମାସରେ ହେବାକୁ ଥିବା ବୋର୍ଡ ପରୀକ୍ଷା ଶେଷ ପର୍ଯ୍ୟନ୍ତ ଚାଲୁ ରହିବ ବୋଲି ପ୍ରେସ୍ ଇସ୍ତାହାରରେ କୁହାଯାଇଛି।


ଏକ୍ସଟ୍ରା କ୍ଲାସ ଫର ଅଲ୍‌ପାସ କାର୍ଯ୍ୟକ୍ରମ ପାଇଁ ବୈଠକ।

# ୨୫ରୁ ସାର୍ବଜନୀନ ଔଷଧ ସେବନ

**ଅନୁଗୋଳ ଅଫିସ, ୨୩।୨**


ଜିଲାସ୍ତରୀୟ ସମନ୍ୱୟ କମିଟି ବୈଠକରେ ପ୍ରଶାସନିକ ଅଧିକାରୀମାନେ।

ଫାଇଲେରିଆ ରୋଗ ନିୟନ୍ତ୍ରଣ ଓ ନିରାକରଣ ପାଇଁ ସାର୍ବଜନୀନ ଔଷଧ ସେବନକୁ ନେଇ ଜିଲାସ୍ତରୀୟ ସମନ୍ୱୟ କମିଟି ବୈଠକ ମଙ୍ଗଳବାର ଅତିରିକ୍ତ ଜିଲାପାଳ ତପନ କୁମାର ଶତପଥୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ରୋଗର ଲକ୍ଷଣ ଜାଣିବା ସହ ସଚେତନ ରହିଲେ ଏହାକୁ ପ୍ରତିରୋଧ କରାଯାଇପାରିବ ବୋଲି ଅତିରିକ୍ତ ଜିଲାପାଳ କହିଥିଲେ। ଅଙ୍ଗନୱାଡି ଓ ଆଶା କର୍ମୀମାନେ ଘରକୁ ଘର ବୁଲି ସଚେତନତା ସୃଷ୍ଟି କରିବା ସହ ଔଷଧ ବଣ୍ଟନ କରିବା ଉପରେ ଅତିରିକ୍ତ ଜିଲାପାଳ ଗୁରୁତ୍ୱାରୋପ କରିଥିଲେ।

ଆସନ୍ତା ୨୫ରୁ ମାର୍ଚ୍ଚ ୬ ତାରିଖ ପର୍ଯ୍ୟନ୍ତ ସମୂହ ଔଷଧ ସେବନ କାର୍ଯ୍ୟକ୍ରମ ଚାଲିବ। ଜିଲା ମୁଖ୍ୟ ଚିକିତ୍ସାଳୟ ପକ୍ଷରୁ ପ୍ରସ୍ତୁତ ହୋଇଥିବା ଏକ ଅଣୁ ଯୋଜନା ଅନୁଯାୟୀ ଜିଲାରେ ସମୁଦାୟ ୧୨ ଲକ୍ଷ ୫୭ ହଜାର ୪୪୦ ଜଣଙ୍କୁ ଗୋଟିଏ ଲେଖାଏ ଆଲବେଣ୍ଡାଜୋଲ ବଟିକା ଓ ୩୧ଲକ୍ଷ ୪୩ ହଜାର ୬୦୦ ଡିଇସି ବଟିକା ପ୍ରଦାନ କରାଯିବ। ଏଥିପାଇଁ ୨୫୫୦ ଜଣ ଔଷଧ ବିତରଣକାରୀ ଏବଂ ୨୫୫ ସୁପରଭାଇଜର ନିୟୋଜିତ ହୋଇଛନ୍ତି। ଜିଲାର ସମୁଦାୟ ୧୯୩୦ ଗ୍ରାମର ୧୭୫ କେନ୍ଦ୍ରରେ ଔଷଧ ବିତରଣ କରାଯିବ। ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଅଭୟ କୁମାର ଦାଶ ଫାଇଲେରିଆ ରୋଗର ଲକ୍ଷଣ ଓ ଚିକିତ୍ସା ସମ୍ପର୍କରେ ଆଲୋକପାତ କରିଥିଲେ। ବିଭିଡିସି ନିରୁପମା ଦାସ ଅଣୁ ଯୋଜନା ସମ୍ପର୍କରେ ସୂଚନା ପ୍ରଦାନ କରିବା ସହ ପାୱାର ପଏଣ୍ଟ ଉପସ୍ଥାପନ କରିଥିଲେ। ଏହି ଔଷଧର କୌଣସି ପାର୍ଶ୍ୱ ପ୍ରତିକ୍ରିୟା ନାହିଁ। ୨ ବର୍ଷରୁ କମ୍ ଶିଶୁ, ଗର୍ଭବତୀ ମହିଳା ଏବଂ ଦୀର୍ଘ ଦିନ ରୋଗରେ ପୀଡ଼ିତ ବ୍ୟକ୍ତିମାନଙ୍କ ବ୍ୟତୀତ ଅନ୍ୟ ସମସ୍ତେ ଏହି ଔଷଧ ସେବନ କରିପାରିବେ ବୋଲି ଏଡିଏମ୍‌ଓ (ଜନସ୍ୱାସ୍ଥ୍ୟ) ସୂଚନା ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ହେଲ୍‌ଥ ଏକ୍ସପର୍ଟ ଡାକ୍ତର ମଦନ ମୋହନ ପ୍ରଧାନ, ଏଡିପିଏଚ୍‌ଓ ଡାକ୍ତର ପୂର୍ଣ୍ଣିମା ଉଦ୍‌ଗାତା ପ୍ରମୁଖ ଉପସ୍ଥିତ ଥିଲେ।

# କୋଭିଡ୍ ସ୍ଥିତି ସମୀକ୍ଷା

**ଆଠମଲ୍ଲିକ,୨୩।୨(ଡି.ଏନ.ଏ.)**

ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ନିର୍ଦ୍ଦେଶକ୍ରମେ ମଙ୍ଗଳବାର ଆଠମଲ୍ଲିକ ଉପଜିଲାପାଳ ଲଳିତମୋହନ ବେହେରାଙ୍କ ଅଧ୍ୟକ୍ଷତାରେ କୋଭିଡ୍ ସ୍ଥିତି ନେଇ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ସାମାଜିକ ଦୂରତ୍ୱ ଅବଲମ୍ବନ, ମାସ୍କ ପରିଧାନ, ଜନଗହଳିକୁ ବନ୍ଦ କରାଯିବା, ଲୋକମାନଙ୍କୁ ହାତ ଧୋଇବା, ବିଶେଷ ଜରୁରୀ କାର୍ଯ୍ୟ ନ ଥିଲେ ଘରୁ ନ ବାହାରିବା ଆଦି କଟକଣା ପ୍ରତି ସମସ୍ତେ ଯତ୍ନବାନ ହେବା ଉପରେ ଆଲୋଚନା କରାଯାଇଥିଲା। ନିୟମ ଉଲ୍ଲଂଘନକାରୀଙ୍କ ପ୍ରତି କଠୋର ହେବାକୁ ଉପଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଉପଖଣ୍ଡର ସମସ୍ତ ମହାବିଦ୍ୟାଳୟ ଅଧ୍ୟକ୍ଷ, ଆଠମଲ୍ଲିକ ତହସିଲଦାର ସ୍ୱରୂପାନନ୍ଦ ସାହୁ, ବିଡିଓ ସଞ୍ଜୟ କୁମାର ଆଚାର୍ଯ୍ୟ, ଏସ୍‌ଡିପିଓ ଭବାନୀ ଶଙ୍କର ଉଦ୍‌ଗାତା, ଆଠମଲ୍ଲିକ ଓ କିଶୋରନଗର ବ୍ଲକ ଶିକ୍ଷା ଅଧିକାରୀ, ଶିଶୁବିକାଶ ପ୍ରକଳ୍ପ ଅଧିକାରୀ ତରଙ୍ଗିଣୀ ମିର୍ଦ୍ଧା, ସମସ୍ତ ଥାନା ଅଧିକାରୀ, ଏନ୍‌ଏସି ନିର୍ବାହୀ ଅଧିକାରୀ କାଦମ୍ବିନୀ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

ଧରିତ୍ରୀ
DHARITRI
ବୁଧବାର, ୨୪ ଫେବୃୟାରୀ, ୨୦୨୧



## ସଂକ୍ଷେପରେ

### ୨୫ ୟୁନିଟ୍ ରକ୍ତ ସଂଗ୍ରହ



ଶିବିରରେ ରକ୍ତ ସଂଗ୍ରହ କରାଯାଉଛି।

**ପାଲଲହଡ଼ା,୨୩।୨(ଡି.ଏନ.ଏ.):** ଅନୁଗୋଳ ଏସ୍‌ପି ଜଗମୋହନ ମୀନାଙ୍କ ନିର୍ଦ୍ଦେଶକ୍ରମେ ଉପଖଣ୍ଡ ପୋଲିସ ପ୍ରଶାସନ ଏବଂ ଜିଲା ରେଡ୍‌କ୍ରସ୍ ସହଯୋଗରେ ପାଲଲହଡା ଥାନା ପରିସରରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। କେତେଜଣ ପୋଲିସ କର୍ମଚାରୀ, ସ୍ଥାନୀୟ ବାସିନ୍ଦାଙ୍କଠାରୁ ମୋଟ ୨୫ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। କୋଭିଡ୍ ଟିକା ନେଇଥିବା କାରଣରୁ ଅନେକ ପୋଲିସ କର୍ମଚାରୀ ଡାକ୍ତରଙ୍କ ପରାମର୍ଶକ୍ରମେ ରକ୍ତଦାନ କରିପାରି ନ ଥିଲେ। ପାଲଲହଡା ଉପଖଣ୍ଡ ପୋଲିସ ଅଧିକାରୀ ସୁମନ ରଞ୍ଜିତା ସିଂ ଏବଂ ଥାନାଧିକାରୀ କିଶୋର କୁମାର ସାମଲ ଉପସ୍ଥିତ ରହି ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରେଙ୍ଗାଲି ଥାନା ଅଧିକାରୀ ସରୋଜକାନ୍ତ ସାହୁ, ପାଲଲହଡା ଥାନା ଏଏସ୍‌ଆଇ ପ୍ରଦୀପ କୁମାର ପଟ୍ଟନାୟକଙ୍କ ସମେତ ଉପଖଣ୍ଡ ପୋଲିସ ଅଧୀନରେ ଥିବା ସମସ୍ତ ଥାନା କର୍ମଚାରୀ ଉପସ୍ଥିତ ରହି ସହଯୋଗ କରିଥିଲେ।

### ଚୋରି ଅଭିଯୁକ୍ତ ଗିରଫ

**ଅନୁଗୋଳ ଅଫିସ, ୨୩।୨:** ଅନୁଗୋଳ ଥାନା ଗାନ୍ଧୀମାର୍ଗରେ ରହୁଥିବା ଅଶୋକ ମୋଦିଙ୍କ ଘରୁ ଚୋରି ଅଭିଯୋଗରେ ଶିମିଳିପଡ଼ା ଅଞ୍ଚଳର ଦୟାନିଧି ସାହୁ(୩୯)ଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଏଥିସହ ଅଭିଯୁକ୍ତଙ୍କ ଘରୁ ଚୋରି ହୋଇଥିବା ସାମଗ୍ରୀ ପୋଲିସ ଉଦ୍ଧାର କରିଥିବା ତଦନ୍ତକାରୀ ଅଧିକାରୀ ଏଏସ୍‌ଆଇ ପ୍ରଶାନ୍ତ ସାହୁ ସୂଚନା ଦେଇଛନ୍ତି। ଗତ ଜାନୁୟାରୀ ୪ ତାରିଖରେ ମୋଦିଙ୍କ ଘରେ କେହି ନ ଥିବାର ସୁଯୋଗ ନେଇ ୱାଚମ୍ୟାନ୍ ଭାବେ କାର୍ଯ୍ୟ କରୁଥିବା ଦୟାନିଧି ଫ୍ୟାନ୍, ପଲଙ୍କ ଆଦି ଆସବାବପତ୍ର ଚୋରାଇ ନେଇଥିଲେ।

### ପୁଣି ସାଇବର ଠକେଇ

**ଅନୁଗୋଳ ଅଫିସ, ୨୩।୨:** ଅନୁଗୋଳ ଶୁଣ୍ଡୁଡ଼ା ଅଞ୍ଚଳର ଜଣେ ଯୁବକ ସାଇବର ଠକେଇର ଶିକାର ହୋଇଥିବା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଆଇଟି ଆକ୍ଟରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ପ୍ରକାଶ ଯେ, ଯୁବକ ଜଣକ ଅନ୍‌ଲାଇନ୍‌ରେ ଏକ ଶାର୍ଟ ବରାଦ ଦେଇଥିଲେ। ମଙ୍ଗଳବାର ପାର୍ସଲ ପହଞ୍ଚିଥିଲା। ସେ ମଗାଇଥିବା ଶାର୍ଟ ଆସି ନ ଥିବା ଦେଖି ଫେରାଇବାକୁ ଗୁଗଲରେ କମ୍ପାନୀର ନମ୍ବର ଖୋଜିଥିଲେ। ପରେ ତାଙ୍କ ଫୋନ ନମ୍ବରକୁ ଏକ କଲ ଆସିବା ସହ କାର୍ଡ ନମ୍ବର ଓ ପାସ୍‌ୱାର୍ଡ ନେଇଯାଇଥିଲେ ସାଇବର ଠକ। ଏହାପରେ ତାଙ୍କ ଆକାଉଣ୍ଟରୁ ୧୪ ହଜାର ୯୦୦ଟଙ୍କା ଗାଏବ ହୋଇଯାଇଥିଲା।

### ମହିଳାଙ୍କୁ ନିର୍ଯାତନା ଅଭିଯୋଗ

**ବଇଣ୍ଡା,୨୩।୨(ଡି.ଏନ.ଏ.):** ଠାକୁରଗଡ ଥାନା ରାଣୀବନ୍ଧ ଗ୍ରାମର ସୁଜାତା ସ୍ୱାଇଁଙ୍କୁ ତାଙ୍କ ସ୍ୱାମୀ ଘନଶ୍ୟାମ ସ୍ୱାଇଁ, ଶାଶୁ ସୁଲୋଚନା ସ୍ୱାଇଁ, ଶ୍ୱଶୁର ଦିଗାମ୍ବର ସ୍ୱାଇଁ, ଦେଢ଼ଶାଶୁ ନନ୍ଦିନୀ ସ୍ୱାଇଁ ନିର୍ଯାତନା ଦେଉଥିବା ଥାନାରେ ଅଭିଯୋଗ ହୋଇଛି। ଏ ନେଇ ନମ୍ବର ୫୧/୨୧ରେ ପୋଲିସ ଏକ ମାମଲା ରୁଜୁ କରିଛି। ପୋଲିସ କହିଛି, ସୁଜାତା ୭ ବର୍ଷ ପୂର୍ବେ ଘନଶ୍ୟାମଙ୍କୁ ବିବାହ କରିଥିଲେ। ତାଙ୍କର ୬ବର୍ଷର ଏକ ପୁଅ ଥିବାବେଳେ ଶାଶୁ ଘର ଲୋକେ ପ୍ରତ୍ୟେକ ଦିନ ମାଡ଼ ମାରିବା ସହ ୫୦ ହଜାର ଟଙ୍କା ଯୌତୁକ ଆଣିବାକୁ କହି ନିର୍ଯାତନା ଦେଉଥିବା ଅଭିଯୋଗପତ୍ରରେ ଉଲ୍ଲେଖ କରାଯାଇଛି। ଘଟଣାରେ କାହାରିକୁ ଗିରଫ କରାଯାଇନାହିଁ।

### ଶାଗୁଆନ ଗଣ୍ଡି ଜବତ

**ଛେଣ୍ଡିପଦା,୨୩।୨(ସ୍ୱ.ପ୍ର):** ଛେଣ୍ଡିପଦା ବନ ବିଭାଗ ପକ୍ଷରୁ କୁକୁରପେଟାଠାରେ ଥିବା ଏକ ଆମ୍ବ ତୋଟାରେ ସୋମବାର ଚଢ଼ାଉ କରାଯାଇ ଚୋରା ଚାଲାଣ କରିବା ପାଇଁ ମାଫିଆମାନେ ରଖିଥିବା ୧୮ଟି ଶାଗୁଆନ ଗଣ୍ଡି ଏବଂ ୨ଟି ସିରିଶ ଗଣ୍ଡି ଜବତ କରାଯାଇଛି। ଅତିରିକ୍ତ ବନାଞ୍ଚଳ ଅଧିକାରୀ ପ୍ରତାପ ଚନ୍ଦ୍ର ରାଉଳ, ସଦର ବନପାଳ ପଦ୍ମଚରଣ ସାହୁ, ବନରକ୍ଷୀ ସିଡୁ ବେହେରା, କବିତା ପ୍ରଧାନ ପ୍ରମୁଖ ଏହି ଚଢ଼ାଉ କରିଥିଲେ। ଏ ନେଇ ଏକ ମାମଲା ରୁଜୁ କରାଯାଇଛି।

# ସ୍ୱଚ୍ଛତାରେ ଝୁଣ୍ଟିଲେ ୨୫ ସ୍ୱାସ୍ଥ୍ୟକେନ୍ଦ୍ର

- ନୀତି ଆୟୋଗ ରିପୋର୍ଟ ଖୋଲିଲା ଗୁମର
- ସର୍ବଭାରତୀୟସ୍ତରରେ ଢେଙ୍କାନାଳ ସ୍ଥାନ ୧୦୩
- ହିନ୍ଦୋଳ ବ୍ଲକରେ ଆନୁଷ୍ଠାନିକ ପ୍ରସବ ସର୍ବନିମ୍ନ
- ନିୟମିତ ବସୁନି ରୋଗୀକଲ୍ୟାଣ ସମିତି ବୈଠକ
- ସ୍ୱାସ୍ଥ୍ୟ ଅଧିକାରୀଙ୍କ ଉପରେ ବର୍ଷିଲେ ଜିଲାପାଳ

**ଢେଙ୍କାନାଳ ଅଫିସ, ୨୩।୨**

ଢେଙ୍କାନାଳ ଜିଲାରେ ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବାର ବିକଳଚିତ୍ର ପଦାରେ ପଡ଼ିଛି। ନୀତି ଆୟୋଗ ସୂଚକାଙ୍କ ଅନୁଯାୟୀ ସର୍ବଭାରତୀୟସ୍ତରରେ ଜିଲା ରହିଛି ୧୦୩ ସ୍ଥାନରେ। ସ୍ୱଚ୍ଛତା ମାନଦଣ୍ଡରେ ମୋଟ ୩୭ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ମଧ୍ୟରୁ ୨୫ ଝୁଣ୍ଟିଛନ୍ତି। ସଚେତନତା ଅଭାବରୁ ମେଡିକାଲ ବଦଳରେ ଘରେ ପ୍ରସବ କରୁଛନ୍ତି ଗର୍ଭବତୀ। ରୋଗୀ କଲ୍ୟାଣ ସମିତିର ବୈଠକ ନିୟମିତ ବସୁନାହିଁ। ଅର୍ଥ ପରିଚାଳନା ଠିକ୍ ଭାବେ ହେଉନାହିଁ, ଯାହାକୁ ନେଇ ସ୍ୱାସ୍ଥ୍ୟ ବିଭାଗ ଅଧିକାରୀଙ୍କ ଉପରେ ପ୍ରବଳ ବର୍ଷିଛନ୍ତି ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା।

ଅବ୍ୟବସ୍ଥିତ ସ୍ୱାସ୍ଥ୍ୟସେବାକୁ ନେଇ ସବୁବେଳେ ଚର୍ଚ୍ଚାରେ ରହିଆସିଛି ଶିଳ୍ପ ଜିଲା ଢେଙ୍କାନାଳ। ତେବେ ନୀତି ଆୟୋଗ ରିପୋର୍ଟରୁ ସ୍ୱାସ୍ଥ୍ୟସେବାର ସତ୍ୟତା ପଦାକୁ ଆସିଛି। ଏଥିରେ ସୁଧାର ଆଣିବା ଲାଗି ମଙ୍ଗଳବାର ଜିଲା କାର୍ଯ୍ୟାଳୟ ସଦ୍‌ଭାବନା ଗୃହରେ ଜିଲାପାଳଙ୍କ ଅଧ୍ୟକ୍ଷତାରେ '୫-ଟି' ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଢେଙ୍କାନାଳ ପୌରାଞ୍ଚଳ, ଭୁବନ ଏବଂ କାମାକ୍ଷାନଗର ଏନ୍‌ଏସିରେ ପ୍ରଥମ ତ୍ରୈମାସିକ ଗର୍ଭବସ୍ଥା ପଞ୍ଜୀକରଣ କମିଛି। ଆଶା ଅନୁପାତରେ ଆନୁଷ୍ଠାନିକ ପ୍ରସବ ମଧ୍ୟ ହୋଇନାହିଁ। ଏ କ୍ଷେତ୍ରରେ ସବୁଠୁ ନିମ୍ନରେ ରହିଛି ହିନ୍ଦୋଳ ବ୍ଲକ। ହିନ୍ଦୋଳ ଏବଂ କାମାକ୍ଷାନଗର ଉପଖଣ୍ଡ ଚିକିତ୍ସାଳୟର ସ୍ୱାସ୍ଥ୍ୟସେବା ଚିନ୍ତାଜନକ ହୋଇଛି। ଉଭୟ ଚିକିତ୍ସାଳୟ ଲକ୍ଷ୍ୟ ମାନଦଣ୍ଡ ହାସଲରେ ଫେଲ୍ ମାରିଛନ୍ତି। ସହରାଞ୍ଚଳରେ ପୁଷ୍ଟିହୀନତା ରୋକିବା ଲାଗି ନିଆଯାଇଥିବା କାର୍ଯ୍ୟକ୍ରମ ଶିଥିଳ ପଡ଼ିଛି। ବ୍ଲକରେ ନିୟମିତ ରୋଗୀ କଲ୍ୟାଣ ସମିତି ବୈଠକ ବସୁନାହିଁ। ଜନନୀ ସୁରକ୍ଷା ଯୋଜନାର ବକେୟା ରାଶି ପ୍ରଦାନ କରାଯାଉନାହିଁ। ଏସବୁ ଅବ୍ୟବସ୍ଥା ନେଇ ଜିଲାପାଳ କ୍ଷୋଭବ୍ୟକ୍ତ କରିଛନ୍ତି। ପୁଷ୍ଟିହୀନତା ଦୂର କରିବା ଲାଗି ମମତା ଯୋଜନାରେ ଆଇସିଡିଏସ୍-ସ୍ୱାସ୍ଥ୍ୟ ବିଭାଗ ତାଳମେଳ ରଖି କାର୍ଯ୍ୟ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଜିଲା ମୁଖ୍ୟ ଚିକିତ୍ସାଳୟ, ଓଡ଼ାପଡ଼ା, ଅଁଳାବେରେଣୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଢେଙ୍କାନାଳ ପୌରାଞ୍ଚଳ କାଠଗଡ଼ାସ୍ଥିତ ସହରାଞ୍ଚଳ ସ୍ୱାସ୍ଥ୍ୟକେନ୍ଦ୍ର, କାମାକ୍ଷାନଗର ଉପଖଣ୍ଡର ଶ୍ରୀମୂଳା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଜାତୀୟ ମାନଦଣ୍ଡ ଅନୁଯାୟୀ ପ୍ରସ୍ତୁତ କରିବାକୁ ମାର୍ଚ୍ଚ ଯାଏ ସମୟ ଦିଆଯାଇଛି। ଜନନୀ ସୁରକ୍ଷା ଯୋଜନାର ବକେୟା ରାଶି ପ୍ରଦାନ କରିବାକୁ ସମସ୍ତ ବ୍ଲକ ଭାରପ୍ରାପ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। କୋଭିଡ୍-୧୯ ସଚେତନତା କାର୍ଯ୍ୟକ୍ରମ ଆଗକୁ ନେବା, ଗାଁ କଲ୍ୟାଣ ସମିତି ପାଣ୍ଠିର ସୁବିନିଯୋଗ ଲାଗି ପ୍ରସ୍ତାବ ଦିଆଯାଇଛି।

ସିଡିଏମ୍‌ଓ ଡା. ସୁଜାତାରାଣୀ ମିଶ୍ର ସରକାରଙ୍କ ବିଭିନ୍ନ ସ୍ୱାସ୍ଥ୍ୟଭିତ୍ତିକ କାର୍ଯ୍ୟକ୍ରମର ସଫଳ ରୂପାୟନ ଏବଂ ଲୋକାଭିମୁଖୀ କରିବାକୁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଜାତୀୟ ସ୍ୱାସ୍ଥ୍ୟ ମିଶନ କାର୍ଯ୍ୟକ୍ରମ ପରିଚାଳିକା ସୋନାଲି ପ୍ରିୟଦର୍ଶିନୀ ପାୱାର ପଏଣ୍ଟ ମାଧ୍ୟମରେ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମର ଲକ୍ଷ୍ୟ ଏବଂ ସଫଳତା ଉପରେ ବୁଝାଇଥିଲେ। ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଜ୍ୟୋତିଷ ଚନ୍ଦ୍ର ମହାପାତ୍ର, ଯକ୍ଷ୍ମା ନିରାକରଣ ଅଧିକାରୀ ଡା. ଗୁରୁ ପ୍ରସାଦ ଜେନା, ଜିଲା ସମାଜ ମଙ୍ଗଳ ଅଧିକାରୀ ଜ୍ୟୋତ୍ସ୍ନା ରାୟ ପ୍ରମୁଖ ଉପସ୍ଥିତ ଥିଲେ।



ବୈଠକରେ ଜିଲାପାଳ, ସିଡିଏମ୍‌ଓଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ।

## ତାଳଗଛ ଉପୁଡ଼ି ଛିଣ୍ଡିଲା ୩୩ କେଭି ତାର

- ଏନ୍‌ଏଚ୍ ୫୫ ସମ୍ପ୍ରସାରଣ ବେଳେ ଅଘଟଣ
- ହିନ୍ଦୋଳରୋଡ୍ ଅଞ୍ଚଳରେ ବିଦ୍ୟୁତ୍ ବିଭ୍ରାଟ

**ଢେଙ୍କାନାଳ ଅଫିସ, ୨୩।୨**

ଢେଙ୍କାନାଳ ଜିଲା ହିନ୍ଦୋଳରୋଡ୍ ଫାଣ୍ଡି ଅଞ୍ଚଳରେ ଜାତୀୟ ରାଜପଥ ସମ୍ପ୍ରସାରଣ କାର୍ଯ୍ୟ ଚାଲିଥିବାବେଳେ ଏକ ତାଳଗଛ ଉପୁଡ଼ି ୩୩ କେଭି ବିଦ୍ୟୁତ୍ ତାର ଏବଂ ଖୁଣ୍ଟ କ୍ଷତିଗ୍ରସ୍ତ ହୋଇଛି। ବିଦ୍ୟୁତ୍ ସରବରାହରେ ବିଭ୍ରାଟ ଉପୁଜିଛି। ଫଳରେ ହିନ୍ଦୋଳରୋଡ୍ ସବ୍‌ଷ୍ଟେଶନ ଉପରେ ନିର୍ଭର କରୁଥିବା ଅଧିକାଂଶ ଗ୍ରାମ ଅନ୍ଧାରରେ ରହିଛି। ଅଞ୍ଚଳବାସୀଙ୍କ ଅଭିଯୋଗ ଅନୁଯାୟୀ, ରାଜପଥ ସମ୍ପ୍ରସାରଣରେ ନିୟୋଜିତ ଠିକାସଂସ୍ଥାର କର୍ମଚାରୀମାନେ ବେପରୁଆ କାର୍ଯ୍ୟ କରୁଛନ୍ତି। ଏହାକୁ ନେଇ ବିଭିନ୍ନ ସମୟରେ ଦୁର୍ଘଟଣା ଘଟୁଥିବା ନଜିର ରହିଛି। ମଙ୍ଗଳବାର ବିଦ୍ୟୁତ୍ ବିଭ୍ରାଟ ପଛରେ ମଧ୍ୟ ଠିକାସଂସ୍ଥାର ଏଭଳି ବେପରୁଆ କାର୍ଯ୍ୟ ଦାୟୀ ବୋଲି ସେମାନେ କହିଛନ୍ତି। ସୂଚନା ପାଇ ବିଦ୍ୟୁତ୍ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ମରାମତି କାର୍ଯ୍ୟ ଜାରି ରଖିଛନ୍ତି। ଖବର ଲେଖାଯିବା ସୁଦ୍ଧା ବିଦ୍ୟୁତ୍ ସେବା ସ୍ୱାଭାବିକ ହୋଇପାରି ନ ଥିଲା।

## ମହିଳା ଉଦ୍ୟୋଗୀଙ୍କ ସାମର୍ଥ୍ୟ ବୃଦ୍ଧି କର୍ମଶାଳା



କର୍ମଶାଳାରେ ମଞ୍ଚାସୀନ ଅତିଥିମାନେ।

**ଭୁବନ, ୨୩।୨(ଡି.ଏନ.ଏ.)**

ଭୁବନ ସେଚାଞ୍ଚଳ କୃଷକ ତାଲିମ କେନ୍ଦ୍ର ପରିସରରେ ରେଙ୍ଗାଳି ଜଳସେଚନ ପ୍ରକଳ୍ପ ପକ୍ଷରୁ ପ୍ରଗତିଶୀଳ ମହିଳା ଉଦ୍ୟୋଗୀ ସାମର୍ଥ୍ୟ ବୃଦ୍ଧି କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଦେଶୀ କୁକୁଡ଼ା ଚାଷ, ଛେଳି ପାଳନ, ଛତୁ ଚାଷ ଆଦି ସମ୍ପର୍କରେ ତାଲିମ ଦିଆଯାଇଥିଲା। ବ୍ଲକ ଅଧୀନ ଗଡ଼ନୃସିଂହପ୍ରସାଦ, ମୁରୁଗା, କୁନିନ୍ଦା, ପଳାସପିଠିଆ, କୃଷ୍ଣପୁର, ନୂଆଡ଼ିହି, ଅର୍ଜୁନଝର, କୁମୁରସିଙ୍ଗା, ଅସୁରବନ୍ଧ, କୀର୍ତ୍ତନପୁର ଅଞ୍ଚଳର ପାଣି ପଞ୍ଚାୟତର ୩୦ଜଣ ମହିଳା କୃଷି ଉଦ୍ୟୋଗୀ ଯୋଗଦେଇଥିଲେ। ଦୀପକ ଦାସ, ପ୍ରଶାନ୍ତ ପ୍ରଧାନ, ଅକ୍ଷୟ ସ୍ୱାଇଁ, ପ୍ରଦ୍ୟୁମ୍ନ ମିଶ୍ର, ପ୍ରଭାତ ଦାସ ଲଭଜନକ ଫସଲ ଉତ୍ପାଦନ ପଦ୍ଧତି ଉପରେ ପ୍ରଶିକ୍ଷଣ ଦେଇଥିଲେ। ସୁକିନ୍ଦା ଜାଇକା ପ୍ରକଳ୍ପର ମୁଖ୍ୟଯନ୍ତ୍ରୀ ଦୀପ୍ତିରଞ୍ଜନ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅଧୀକ୍ଷଣ ଯନ୍ତ୍ରୀ ବାମଚରଣ ବିଶ୍ୱାଳ, ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ଦାମୋଦର ସାହୁ, ରେଙ୍ଗାଳି ବାମକେନାଲ ନିର୍ବାହୀ ଯନ୍ତ୍ରୀ ଦୀପକ ବେହେରା ଅତିଥି ଭାବେ ଯୋଗଦେଇ ଦକ୍ଷତା ବୃଦ୍ଧି କରିବାକୁ ପରାମର୍ଶ ଦେଇଥିଲେ।

## ଇଣ୍ଟର କ୍ଲବ ଜୁନିୟର କ୍ରିକେଟ୍ ମ୍ୟାଚ ଆରମ୍ଭ

**ଅନୁଗୋଳ ଅଫିସ, ୨୩।୨**

ଅନୁଗୋଳ ସହର କଦମ ପଡ଼ିଆରେ ଇଣ୍ଟର କ୍ଲବ ଜୁନିୟର କ୍ରିକେଟ୍ ଲିଗ୍ ମ୍ୟାଚ ୨୨ ତାରିଖରୁ ଆରମ୍ଭ ହୋଇଛି। ପ୍ରଥମ ଦିନରେ ଅନୁଗୋଳ ରେଡ୍ ଓ ଅନୁଗୋଳ ବ୍ଲୁ ମଧ୍ୟରେ ମ୍ୟାଚ ଖେଳାଯାଇଥିଲା। ଏଥିରେ ଅନୁଗୋଳ ରେଡ୍ ବିଜୟୀ ହୋଇଥିଲା। ସେହିପରି ମଙ୍ଗଳବାର ଦ୍ୱିତୀୟ ମ୍ୟାଚ ଅନୁଗୋଳ ଗ୍ରୀନ୍ ଓ ଅନୁଗୋଳ ୟେଲୋ ମଧ୍ୟରେ ଖେଳାଯାଇଥିଲା। ଏହି ମ୍ୟାଚରେ ଅନୁଗୋଳ ୟଲୋ ବିଜୟୀ ହୋଇଛି। ବିଜୟୀ ଦଳର ଅଧିନାୟକ ଶ୍ରେୟାଂଶ ଭରଦ୍ୱାଜ୍ ଅପରାଜିତ ୨୦୭ ରନ୍ କରିବା ସହ ୫ ଉଇକେଟ ଅକ୍ତିଆର କରିଥିଲେ। ତାପସ କୁମାର ମହାନ୍ତି, ଅରୁଣ କୁମାର ପୁଷ୍ପାଳକ ଖେଳ ପରିଚାଳନା କରିଥିଲେ। ଉଦ୍‌ଘାଟନୀ ମ୍ୟାଚ୍‌କୁ ଓଡ଼ିଶା କ୍ରିକେଟ୍ ଆସୋସିଏଶନ୍(ଓସିଏ)ର ଉପସଭାପତି ଅକ୍ଷୟ କୁମାର ସାମନ୍ତ ଉଦ୍‌ଘାଟନ କରିଥିଲେ। ସୂଚନାଯୋଗ୍ୟ, ଆସନ୍ତା ମାସରେ ଓସିଏ ପକ୍ଷରୁ ଆୟୋଜିତ ହେବାକୁ ଥିବା ଜୁନିୟର କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ପାଇଁ ଜିଲାରୁ ଦଳ ଚୟନ ହେବ। ଏହାପରେ ଅନୁଗୋଳ ଜିଲା ଜୁନିୟର ଦଳ ଗଠନ କରାଯାଇ ଓସିଏ ପକ୍ଷରୁ ଆୟୋଜିତ ଜୁନିୟର କ୍ରିକେଟ୍ ଟୁର୍ଣ୍ଣାମେଣ୍ଟକୁ ପଠାଯିବ।

## ବୃତ୍ତିଗତ ପରାମର୍ଶ କାର୍ଯ୍ୟକ୍ରମ




କାର୍ଯ୍ୟକ୍ରମରେ ଅତିଥିମାନେ।

**କାମାକ୍ଷାନଗର, ୨୩।୨(ଡି.ଏନ.ଏ.)**

କାମାକ୍ଷାନଗର କାନପୁରାସ୍ଥିତ ପଞ୍ଚାୟତିରାଜ ହାଇସ୍କୁଲରେ ଦଶମ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ନେଇ ବୃତ୍ତିଗତ ପରାମର୍ଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଢେଙ୍କାନାଳ ସରକାରୀ ଆଇଟିଆଇ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷକ ଶ୍ରୀରାମ ରାଉତ ଅଧ୍ୟକ୍ଷତା କରିଥିଲେ। ପ୍ରଶିକ୍ଷଣ ଅଧିକାରୀ ଅରୁଣ ମହାରଣା, ଶିକ୍ଷକ ପ୍ରତାପ ଚନ୍ଦ୍ର ପ୍ରଧାନ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରି ସ୍ୱାବଲମ୍ବୀ ହେବାରେ ବୈଷୟିକ ଶିକ୍ଷାର ଆବଶ୍ୟକ, ସରକାରୀ ଓ ବେସରକାରୀସ୍ତରରେ ରହିଥିବା ସୁଯୋଗ ସମ୍ପର୍କରେ ଆଲୋକପାତ କରିଥିଲେ। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଲୋକନାଥ ଷଡଙ୍ଗୀ, ମଙ୍ଗଳପୁର ହାଇସ୍କୁଲର ପ୍ରଧାନ ଶିକ୍ଷକ ସୁକାନ୍ତ ଚରଣ ସାହୁ ସମ୍ମାନିତ ଅତିଥି ରୂପେ ଯୋଗଦେଇ ପିଲାମାନଙ୍କ ମାର୍ଗଦର୍ଶନ କରିଥିଲେ।

## ପ୍ରଶ୍ନ-ଜ୍ଞାନେନ୍ଦ୍ର ମେମୋରିଆଲ କପ୍ ଉଦ୍‌ଯାପିତ

**ବଇଣ୍ଡା,୨୩।୨(ଡି.ଏନ.ଏ.)**

କିଶୋରନଗର ବ୍ଲକ ନାକିଚି ନିକଟସ୍ଥ ବଡଡଙ୍ଗିଆଣି ଗ୍ରାମ ଖେଳପଡିଆରେ ଆୟୋଜିତ ପ୍ରଶ୍ନ ଓ ଜ୍ଞାନେନ୍ଦ୍ର ମେମୋରିଆଲ କପ୍ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ସରିଗିପାଲି କ୍ଲବକୁ ହରାଇ ଜାମୁନାଳୀ କ୍ଲବ ଚାମ୍ପିୟନ ହୋଇଛି। ପ୍ରଥମେ ସରିଗିପାଲି ବ୍ୟାଟିଂ କରି ୧୮ ରନ କରିଥିବା ବେଳେ ଜାମୁନାଳୀ ୧୯ ରନ କରି ଚାମ୍ପିୟନ ହୋଇଥିଲା। ଗରକି ଦେଓ ଏବଂ ଦୀପ୍ତିରଞ୍ଜନ ବିଶ୍ୱାଳ ଖେଳ ପରିଚାଳନା କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବେ ସାମାଜିକ କର୍ମୀ ଅର୍ଜୁନ କୁମାର ସାହୁ ଯୋଗଦେଇ ଉଭୟ ଦଳକୁ ପୁରସ୍କୃତ କରିଥିଲେ। ଅନ୍ୟତମ ଅତିଥି ଭାବେ ନରେନ୍ଦ୍ର ଦେଓ, ପ୍ରତାପ ମାଝି ଯୋଗଦେଇଥିଲେ।




ଅତିଥିମାନେ ପୁରସ୍କାର ବିତରଣ କରୁଛନ୍ତି।

## ମହିଳାଙ୍କୁ କଟୁରିରେ ଆକ୍ରମଣ

**ଛେଣ୍ଡିପଦା,୨୩।୨(ସ୍ୱ.ପ୍ର.)**

ଟଙ୍କା ଦେଣନେଣକୁ ନେଇ ଛେଣ୍ଡିପଦା ଥାନା ରାମଚନ୍ଦ୍ରପୁର ଗ୍ରାମର ଜଣେ ମହିଳାଙ୍କ ଉପରେ ଆକ୍ରମଣ ହୋଇଛି। ପୋଲିସ କହିଛି, ରାମଚନ୍ଦ୍ରପୁର ଗ୍ରାମର ହାଡିବନ୍ଧୁ ସାହୁ ବାରମଞ୍ଜା ଗ୍ରାମର ନାରଣ ବେହେରାଙ୍କ ବିଡି ଫ୍ୟାକ୍ଟ୍ରିରେ କାମ କରୁଥିଲେ। କୌଣସି କାରଣକୁ ନେଇ ବର୍ଷେ ପୂର୍ବରୁ ହାଡିବନ୍ଧୁ ଫ୍ୟାକ୍ଟ୍ରି ଛାଡି ଦେଇଥିଲେ। କିନ୍ତୁ ଅଗ୍ରିମ ପରିଶୋଧ କରି ନ ଥିଲେ। ସୋମବାର ସକାଳେ ହାଡିବନ୍ଧୁଙ୍କୁ ଟଙ୍କା ମାଗିବା ପାଇଁ ନାରଣ ରାମଚନ୍ଦ୍ରପୁର ଯାଇଥିଲେ। ହାଡିବନ୍ଧୁଙ୍କୁ ନ ପାଇ ସେ ଗାଳି ଗୁଲଜ କରିଥିଲେ। ଏହାକୁ ହାଡ଼ିବନ୍ଧୁଙ୍କ ସ୍ତ୍ରୀ ମନୋଜିନୀ ବିରୋଧ କରିବାରୁ ନାରଣ ଏକ କଟୁରିରେ ଆକ୍ରମଣ କରିଥିଲେ। ମନୋଜିନୀଙ୍କୁ ଅନୁଗୋଳ ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଏତଲା ଆଧାରରେ ପୋଲିସ ତଦନ୍ତ ଚଳାଇଛି।

## ସ୍ୱାସ୍ଥ୍ୟ ଆମ୍ବାସାଡରଙ୍କୁ ପ୍ରଶିକ୍ଷଣ

**ଢେଙ୍କାନାଳ ଅଫିସ, ୨୩।୨**

ଢେଙ୍କାନାଳ ଜିଲା ଶିକ୍ଷା ପ୍ରଶିକ୍ଷଣ ପ୍ରତିଷ୍ଠାନ ପରିସରରେ ସୋମବାରଠାରୁ ଆରମ୍ଭ ହୋଇଛି ୫ଦିନିଆ ସ୍ୱାସ୍ଥ୍ୟ ଆମ୍ବାସାଡର ପ୍ରଶିକ୍ଷଣ କର୍ମଶାଳା। ଏଥିରେ ସଦର ଏବଂ କାମାକ୍ଷାନଗର ବ୍ଲକ ଅନ୍ତର୍ଗତ ହାଇସ୍କୁଲରେ କାର୍ଯ୍ୟରତ ୬୦ ଶିକ୍ଷୟିତ୍ରୀଶିକ୍ଷକ ଅଂଶଗ୍ରହଣ କରିଛନ୍ତି। ଶିକ୍ଷାବିତ୍ ପ୍ରଦ୍ୟୁମ୍ନ ରଥ ଏହାକୁ ଉଦ୍‌ଘାଟନ କରି କହିଲେ, ସ୍ୱାସ୍ଥ୍ୟ ହିଁ ସମ୍ପଦ। କିଶୋର ଅବସ୍ଥାରେ ଯୁବତୀଯୁବକଙ୍କ ଶାରୀରିକ ପରିବର୍ତ୍ତନ ଦେଖାଦେଇଥାଏ। ଏହି ସମୟରେ ମାନସିକସ୍ତରରେ ସ୍ୱାସ୍ଥ୍ୟ ସଚେତନ କରାଯିବାର ଆବଶ୍ୟକତା ରହିଛି। ପ୍ରଶିକ୍ଷଣ ନେବା ପରେ ଶିକ୍ଷୟିତ୍ରୀଶିକ୍ଷକମାନେ ଏହି କାର୍ଯ୍ୟ କରିବେ ବୋଲି ସେ ସୂଚନା ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ବିଜ୍ଞାନ ଅଧିକାରୀ ମଥୁରୀ ମୋହନ ରାଉତ, ଜିଲା ଶିକ୍ଷା ପ୍ରଶିକ୍ଷଣ ପ୍ରତିଷ୍ଠାନର ଅଧ୍ୟକ୍ଷ ଡ. ସଚ୍ଚିଦାନନ୍ଦ ମିଶ୍ର ଉପସ୍ଥିତ ଥିଲେ। ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟ ସଚେତନତା ନେଇ ଶିକ୍ଷୟିତ୍ରୀଶିକ୍ଷକଙ୍କ ଗୁରୁଦାୟିତ୍ୱ ରହିଛି। ଓଡ଼ିଶାର ୧୦ ଆକାଂକ୍ଷୀ ଜିଲା ମଧ୍ୟରେ ସାମିଲ ହୋଇଥିବା ଢେଙ୍କାନାଳ ପାଇଁ ଏହାର ଆବଶ୍ୟକତା ରହିଛି। ତାଲିମପ୍ରାପ୍ତ ଶିକ୍ଷୟିତ୍ରୀଶିକ୍ଷକ ସ୍ୱାସ୍ଥ୍ୟ ଆମ୍ବାସାଡର ଭାବେ ଦାୟିତ୍ୱ ତୁଲାଇବେ ବୋଲି ଅତିଥିମାନେ କହିଥିଲେ। ଅଧ୍ୟାପକ ଅରକ୍ଷିତ ପରିଡ଼ା କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବାବେଳେ ଅଧ୍ୟାପକ ରତିକାନ୍ତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।




ସ୍ୱାସ୍ଥ୍ୟ ଆମ୍ବାସାଡର ପ୍ରଶିକ୍ଷଣ କର୍ମଶାଳାରେ ଅତିଥିମାନେ।

# ୨୬ରେ ବ୍ୟବସାୟିକ ପ୍ରତିଷ୍ଠାନ ବନ୍ଦ

- ଜିଏସ୍‌ଟି ସରଳୀକରଣ ଦାବି ଜୋର ଧରିଲା
- ସଫଳ କରିବାକୁ ବାଣିଜ୍ୟ ଓ ଶିଳ୍ପ ପ୍ରତିଷ୍ଠାନର ଅନୁରୋଧ

**ଢେଙ୍କାନାଳ ଅଫିସ, ୨୩।୨**

ଜନବିରୋଧୀ କଠୋର ଜିଏସ୍‌ଟି ଆଇନର ସରଳୀକରଣ କରିବାକୁ ଦାବି କରିଛି ଢେଙ୍କାନାଳ ବାଣିଜ୍ୟ ଓ ଶିଳ୍ପ ପ୍ରତିଷ୍ଠାନ। ଏହାର ପ୍ରତିବାଦରେ ସର୍ବଭାରତୀୟ ବ୍ୟବସାୟୀ ସଂଘ ଆହ୍ୱାନରେ ଆସନ୍ତା ୨୬ ତାରିଖରେ ସହରର ସମସ୍ତ ବ୍ୟବସାୟିକ ପ୍ରତିଷ୍ଠାନ ବନ୍ଦ ରଖିବାକୁ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ହୋଇଛି। ଏ ସଂକ୍ରାନ୍ତରେ ମଙ୍ଗଳବାର ଅପରାହ୍ନ ୫ଟାରେ ବାଣିଜ୍ୟ ଓ ଶିଳ୍ପ ପ୍ରତିଷ୍ଠାନର ସଭାପତି ଶରତ ଚନ୍ଦ୍ର ପାଢୀଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକାରୀ ପରିଷଦର ବୈଠକ ଅନୁଷ୍ଠିତ ହୋଇଥିଲା।

୨୦୧୭ ଜୁଲାଇ ୧ରେ କେନ୍ଦ୍ର ସରକାର ଏକ ଦେଶ, ଏକ ଟିକସ ନାମରେ ଦ୍ରବ୍ୟ ଓ ସେବା କର (ଜିଏସ୍‌ଟି) ଆଇନ କାର୍ଯ୍ୟକାରୀ କରିଥିଲେ। ପୂର୍ବରୁ ପ୍ରଣୀତ ବିଭିନ୍ନ ଟିକସ ପଦ୍ଧତିରେ ସଂସ୍କାର ଅଣାଯାଇ ସରଳ ଟିକସ ପଦ୍ଧତି ପ୍ରଚଳନ କରାଯିବାର ପ୍ରତିଶ୍ରୁତି ଦିଆଗଲା। ବିଭିନ୍ନ କାରଣରୁ ଗତ ୩ବର୍ଷ ମଧ୍ୟରେ ଏଥିରେ ୯୫୦ ଥରରୁ ଅଧିକ ଥର ସଂଶୋଧନ କରାଗଲାଣି। ତେଣୁ ଏହା ଏକ ଜନବିରୋଧୀ ଆଇନରେ ପରିଣତ ହୋଇଛି। ବ୍ୟବସାୟୀମାନଙ୍କ ଦାବି ସତ୍ତ୍ୱେ ସଂଶୋଧିତ ରିଟର୍ନ ଦାଖଲ କରିବାରେ ସୁବିଧା ଦିଆଯାଉନି। ନୂତନ ବ୍ୟବସ୍ଥାରେ ବିଳମ୍ବିତ ପୈଠ ନିମନ୍ତେ ମାତ୍ରାଧିକ ଜରିମାନା, ସୁଧ ଆଦାୟ କରାଯାଉଛି। ଇନପୁଟ୍ କ୍ରେଡିଟ୍‌କୁ କାଟି ଦିଆଯାଉଛି। ଇ-ୱେ ବିଲରେ ତ୍ରୁଟି ଥିଲେ ଟିକସର ୨୦୦ଗୁଣ ଅଧିକ ଜରିମାନା ଦେବାକୁ ପଡୁଛି। ଏହା ପରୋକ୍ଷରେ ଖାଉଟି ଉପରେ ବୋଝ ହେଉଛି, ଯାହାକୁ ନେଇ ବିଭିନ୍ନ ବର୍ଗ ମଧ୍ୟରେ ବିରୋଧାଭାସ ସୃଷ୍ଟି ହେଉଛି। ସେହିପରି ଅନ୍‌ଲାଇନ ବ୍ୟବସାୟ ଉପରେ ଅଦ୍ୟାବଧି ସରକାର କୌଣସି ନିର୍ଦ୍ଦିଷ୍ଟ ଆଇନ ପ୍ରବର୍ତ୍ତନ କରିନାହାନ୍ତି। ଅନ୍‌ଲାଇନରେ ବ୍ୟବସାୟ କରୁଥିବା ପୁଞ୍ଜିପତିମାନେ ଗ୍ରାହକଙ୍କୁ ବିଭିନ୍ନ ପ୍ରଲୋଭନ ଦେଖାଇ କାରବାର କରୁଛନ୍ତି। ଅଫ୍‌ଲାଇନରେ ବ୍ୟବସାୟ କରୁଥିବା ବ୍ୟବସାୟୀ ଋଣ ଶୁଝିବାକୁ ମଧ୍ୟ ସକ୍ଷମ ହେଉନାହାନ୍ତି। ଖାଦ୍ୟ ନିରାପତ୍ତା ଆଇନ କଠୋର କରାଯାଇ ବ୍ୟବସାୟୀ ମାରଣନୀତି ଅବଲମ୍ବନ କରି ଚାଲିଛନ୍ତି, ଯାହାକୁ ବିରୋଧ କରିଛନ୍ତି ବାଣିଜ୍ୟ ଓ ଶିଳ୍ପ ପ୍ରତିଷ୍ଠାନର ସଦସ୍ୟମାନେ। ଶାନ୍ତିପୂର୍ଣ୍ଣ ଭାବେ ବନ୍ଦକୁ ସଫଳ କରିବା ପାଇଁ ବାଣିଜ୍ୟ ଓ ଶିଳ୍ପ ପ୍ରତିଷ୍ଠାନ ପକ୍ଷରୁ ଓକିଲ ସଂଘ, ଟ୍ରକ୍ ମାଲିକ ଓ ବସ୍ ମାଲିକ ସଂଘ, ମିଳିତ ବଜାର ପୂଜା କମିଟି ସମେତ ସହରବାସୀଙ୍କ ସହଯୋଗ କାମନା କରାଯାଇଛି।




ବୈଠକରେ ବାଣିଜ୍ୟ ଓ ଶିଳ୍ପ ପ୍ରତିଷ୍ଠାନର ସଦସ୍ୟମାନେ।

